# Akashvani, Sambalpur

## SAMBALPURI NEWS EVENING BULLETIN

## 23 December 2025- 7.02 pm- 7.12 pm.

*******************************************

୧- ଭୁବ୍‌ନେଶ୍ୱର୍ ନ ଶହେ ୫୦ ଟା ନୂଆଁ ୧୦୮ ଆମ୍ବୁଲେନ୍ସ ଲୋକାର୍ପଣ୍ କଲେ ମୁଖ୍ୟମନ୍ତ୍ରୀ ।

୨- ମହାନଦୀ ଜଲ୍ ବିବାଦ୍ ଉଚ୍ଚସ୍ତରୀୟ କମିଟିର୍ ବସ୍‌ଲା ପହେଲା ବୈଠକ୍ ।

- ଆଲୋଚନା ଜରିଏ ବିବାଦ୍‌ର ସମାଧାନ୍ ଲାଗି ସଭେ ସହମତ୍ - କହେଲେ ଉପମୁଖ୍ୟମନ୍ତ୍ରୀ ।

୩- ରାଜ୍ୟର୍ ଶହେ ୮ ଟା ଏସ୍.ଇ.ବି.ସି. ସମ୍ପ୍ରଦାୟକେ କେନ୍ଦ୍ରୀୟ ଓବିସି ତାଲିକାଥି ସାମିଲ୍ କର୍‌ବାର୍‌କେ କେନ୍ଦ୍ର ସାମାଜିକ ନ୍ୟାୟ ଆଉ ସଶକ୍ତିକରଣ୍‌ମନ୍ତ୍ରୀଙ୍କୁ ଚିଠି ଲେଖ୍‌ଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଆଉର୍

୪- ବର୍‌ଗଡ୍‌ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଆଏବାକାଏଲ୍‌ଠାନୁ ହେବା ମୁଲ୍ ।

ଆମ୍ବୁଲେନ୍ସ- ମୁଖ୍ୟମନ୍ତ୍ରୀ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏଜ୍ ଶହେ ୫୦ ଟା ନୂଆଁ ୧୦୮ ଆମ୍ବୁଲେନ୍ସ ଲୋକାର୍ପଣ୍ କରିଛନ୍ । ରାଏଜେ ସ୍ୱାସ୍ଥ୍ୟସେବାକେ ତୁର୍‌ତି କର୍‌ବାର୍ ଲାଗି ଖେପ୍ ଖେପ୍ କରି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଶହେ ୧୧ କୋଟି ଟଙ୍କା ଖର୍ଚ୍ଚାଥି ୪ ଶହ ୨୮ ଟା ନୂଆଁ ଆମ୍ବୁଲେନ୍ସ ରାଜ୍ୟବାସୀଙ୍କର୍ ଉଦ୍ଦେଶ୍ୟଥି ବେଭାର୍ କରାଯିବା । ଇତାର୍‌ସହେତେ ଦୁର୍ଘଟଣାଥି ଖରାପ୍ ହେଇଥିବା ଆମ୍ବୁଲେନ୍ସକେ ବଦ୍‌ଲାଯିବାର୍ ସହେତେ ବାଣିଜ୍ୟ ଆଉ ପରିବହନ୍ ବିଭାଗ୍ ନ ବିମାନ୍ ବନ୍ଦର୍‌ଥି ବେଭାର୍ ଲାଗି ୫ ଟା ଆମ୍ବୁଲେନ୍ସ ଆଉ ଝାର୍‌ସୁଗୁଡ଼ା ହୃଦ୍‌ରୋଗ ହସ୍ପିଟାଲ୍ ଲାଗି ୨ ଟା ଆମ୍ବୁଲେନ୍ସ ବେଭାର୍ କରାଯିବା । ରାଏଜେ ସ୍ୱାସ୍ଥ୍ୟସେବାକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ପୁର୍‌ନା ଆମ୍ବୁଲେନ୍ସ ମାନ୍‌କୁ ବଦ୍‌ଲାଯାଇକରି ନୂଆଁ ଆମ୍ବୁଲେନ୍ସ ବେଭାର୍ କରାଯିବା ବଲି ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, ଏକାମ୍ର ବିଧାୟକ୍ ବାବୁ ସିଂ ଆଉ ସ୍ୱାସ୍ଥ୍ୟ ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ମହାନଦୀ ଜଲ୍‌ବିବାଦ୍ ବୈଠକ୍ ଏକ୍ସ/ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ମହାନଦୀ ଜଲ୍ ବିବାଦ୍ ବାବଦ୍ ଉଚ୍ଚସ୍ତରୀୟ କମିଟିର୍ ପହେଲା ବୈଠକ୍ ଆଏଜ୍ ଭୁବ୍‌ନେଶ୍ୱର୍ ରାଜୀବ୍ ଭବନ୍ ନ ହେଇଯାଇଛେ । ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଅଧ୍ୟକ୍ଷତା କରିଥିବାର୍ ବେଲେ କମିଟିର୍ ସବୁ ସଦସ୍ୟ ଉପସ୍ଥିତ୍ ଥିଲେ । ମହାନଦୀର୍ ପାଏନ୍‌କେ ନେଇକରି ଓଡ଼ିଶା ଆଉ ଛତିଶ୍‌ଗଡ଼୍ ଭିତ୍‌ରେ ଲାଗିଥିବା ବିବାଦ୍‌ର ସମାଧାନ୍ କର୍‌ବାର୍ ଦିଗେ ବୈଠକ୍‌ଥି ଆଲୋଚନା ହେଇଛେ । ଉପମୁଖ୍ୟମନ୍ତ୍ରୀ କହିଛନ୍, ମହାନଦୀ ହେଉଛେ କୋଟି କୋଟି ଲୁକ୍‌କର୍ ଜୀବନ୍‌ରେଖା ଆଉ ଇତାର୍ ସୁରକ୍ଷା ଲାଗି ସମ୍‌କର୍ ମିଲିତ୍ ଚେରେଷ୍ଟା ଜରୁରୀ ଆଏ । ଆଝିରର୍ ବୈଠକ୍‌ଥି ସବୁ ସଦସ୍ୟମାନ୍‌କୁ ମହାନଦୀ ବିବାଦ୍ ପ୍ରସଙ୍ଗଥି ରାଜ୍ୟସର୍‌କାର୍‌ଙ୍କର୍ ଆଭିମୁଖ୍ୟ, ଛତିଶ୍‌ଗଡ଼୍ ସାଙ୍ଗେ ଏବ୍‌ତକ୍ ହେଇଥିବା ଆଲୋଚନା ବାବ୍‌ଦେ ସୂଚ୍‌ନା ଦିଆଯାଇଥିଲା । କମିଟିର୍ ଆଏବା ବୈଠକ୍ ଆଘୋନୁ ସବୁ ସଦସ୍ୟମାନ୍‌କୁ ଦର୍‌କାରୀ କାଗଜ୍ ପତର୍ ଯୁଗେଇ ଦିଆଯିବା । ଆଲୋଚନା ଜରିଏ କେନ୍ତାକରି ବିବାଦ୍‌ର ସମାଧାନ୍ ହେଇପାର୍‌ବା ସେ ଦିଗେ

କମିଟି ଆଗ୍‌କେ ବଢ୍‌ବା । ଇଥି ସଭେ ସହମତ୍ ହେଇଛନ୍ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ।

ଧାନ୍‌ମଣ୍ଡି- ବୈଠକ୍ ଏକ୍ସ

ରାଏଜେ ଧାନ୍ ମଣ୍ଡି ଅବ୍ୟବସ୍ଥାକେ ନେଇକରି ଆଏଜ୍ ଭୁବ୍‌ନେଶ୍ୱର୍‌ର ଲୋକ୍‌ସେବା ଭବନ୍ ନ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରାଜସ୍ୱ ଆଉ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ୍ ପୂଜାରୀ, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ସମବାୟ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ ଆଉ ଖାଦ୍ୟ ଆଉ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ୍ ଦେଇକରି ରାଏଜେ ଚାଲିଥିବା ଧାନ୍ ଘିନା ପ୍ରକ୍ରିୟାକେ ଆହୁରି ସହଜ୍ ଆଉ ସରଲ୍ କର୍‌ବାର୍ ଦିଗେ ଆଲୋଚନା କରିଛନ୍ । ଏଛେନ୍‌ତକ୍ ୮୫ ହଜାର୍ ଶହେ ୮୩ ଝନ୍ ଚାଷୀଙ୍କର୍‌ନୁ ୩ ଲାଖ୍ ୮୫ ହଜାର୍ ୪ ଶହ ୫ ଟନ୍ ଧାନ୍ ଘିନାଯାଇଛେ ।

ଡାହାଣୀ ନିର୍ଯ୍ୟାତନା ସଚେତନତା I&PR

ସାମାଜିକ ସମାନତା ହିଁ ବିକଶିତ ଓଡ଼ିଶାର୍ ମୁଲ୍ ବିନ୍ଦୁ ଆଏ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଭୁବ୍‌ନେଶ୍ୱର୍ ନ ଆଏଜ୍ 'ଟଁଢ଼େଇ ସନ୍ଦେହଥି ନିର୍ଯ୍ୟାତନା ଆଉ ବାଲ୍ୟବିବାହ ନିଷେଧ' ବାବଦ୍ ଗୁଟେ ରାଜ୍ୟସ୍ତରୀୟ କର୍ମଶାଳାଥି ଯୋଗ୍ ଦେଇକରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍, ଆମର୍ ଆଏବା ପିଢ଼ିକେ କୁପ୍ରଥା ନାଇଁଥିବା ଗୁଟେ ସୁସ୍ଥ ସମାଜ୍ ଯୁଗେଇ ଦେବାର୍ ଦିଗେ ସର୍‌କାର୍ ପ୍ରତିବଦ୍ଧ ଆନ୍ । ଶିକ୍ଷା ଆଉ ସଚେତନତା ଜରିଏ ହିଁ ଇ ସବୁ କୁପ୍ରଥାକେ ଦୂର୍ କରାଯାଇପାର୍‌ବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

ଖଣି ନିଲାମ୍          ଏକ୍ସ

ରାଜ୍ୟ ସର୍‌କାର୍ ଖଣି ମାନ୍‌କର୍ ନିଲାମ୍ ଲାଗି ଜାନୁଆରୀ ୩ ତାରିଖ୍ ଦିନ ଜରୁରୀ ବୈଠକ୍ ଡାକିଛନ୍ । ବୈଠକ୍‌ଥି ଖଣି ଆଉ ଇସ୍ପାତ୍ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ସଚିବଙ୍କର୍ ସହେତେ ଓଏମ୍‌ସି ଲିମିଟେଡ୍‌ର ମହାନିର୍ଦ୍ଦେଶକ, ଖଣି ନିର୍ଦ୍ଦେଶକ ଆଉ ଜିଏସ୍‌ଟି ଅଧିକାରୀମାନେ ଉପସ୍ଥିତ୍ ରହେବେ । ବୈଠକ୍‌ଥି ୪୯ ଟା ଖଣି ନିଲାମ୍ ଲାଗି ବାର୍ଷିକ ନିଲାମ୍ କେଲେଣ୍ଡର୍ ଚୂଡ଼ାନ୍ତ ହେବା । ତାର୍ ଉତ୍‌ରୁ ପ୍ରସ୍ତାବିତ୍ ଖଣି ବ୍ଲକ୍ ମାନ୍‌କର୍ ଥିତି ଆଉ ନିଲାମ୍ ପ୍ରସ୍ତୁତିର୍ ଯାଂଚ୍ କରାଯିବା ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ- ଚିଠି ପି.ଆଇ.ବି.

ଓଡ଼ିଶାର୍ ଶହେ ୮ ଟା ଆର୍ଥିକ୍ ଆଉ ସାମାଜିକ୍ କ୍ଷେତ୍ରଥି ପଛୁଆ ବର୍ଗ ଏସ୍.ଇ.ବି.ସି. କେ କେନ୍ଦ୍ରୀୟ ଅନ୍ୟାନ୍ୟ ପଛୁଆ ବର୍ଗ-ଓବିସି ତାଲିକାଥି ସାମିଲ୍ କର୍‌ବାର୍ ଲାଗି କେନ୍ଦ୍ର ସାମାଜିକ ନ୍ୟାୟ ଆଉ ସଶକ୍ତିକରଣ୍ ମନ୍ତ୍ରୀ ବୀରେନ୍ଦ୍ର କୁମାର୍‌ଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଚିଠି ଲେଖିକରି ଅନୁରୋଧ୍ କରିଛନ୍ । ଇ ସମ୍ପ୍ରଦାୟ ମାନେ ରାଜ୍ୟ ସର୍‌କାର୍‌ଙ୍କର୍ ଏସ୍.ଇ.ବି.ସି. ତାଲିକାଥି ସାମିଲ୍ ହେଇଥିଲେ ଭିଲ୍ କେନ୍ଦ୍ରୀୟ ଓବିସି ତାଲିକାନୁ ବାଦ୍ ପଡ଼ିଛନ୍ । ଇଥିର୍‌ଲାଗି ଇ ବର୍ଗର୍ ଲୁକେ କେନ୍ଦ୍ର ସର୍‌କାର୍‌ଙ୍କର୍ ଚାକିରୀ, ଶିକ୍ଷାନୁଷ୍ଠାନ୍ ନ ନାଁଲେଖା ଆଉ ଭିନ୍ ଭିନ୍ କଲ୍ୟାଣ୍‌କାରୀ ଯୋଜ୍‌ନାନୁ ବଂଚିତ୍ ହେଉଛନ୍ । ଇ ବର୍ଗର୍ ଲୁକ୍‌କୁ କେନ୍ଦ୍ରୀୟ ତାଲିକାଥି ସାମିଲ୍ କରାଗଲେ ସେମାନ୍‌କୁ ସମାନ୍ ଭାବେ ସର୍ବଭାରତୀୟ ସ୍ତର୍‌ଥି ସର୍‌କାରୀ ସୁବିଧା ସୁଯୋଗ୍ ମିଳିପାର୍‌ବା ବଲି ଶ୍ରୀ ପ୍ରଧାନ୍ ଚିଠିଥି କହିଛନ୍ ।

ରେଲ୍ ଡିଭିଜନାଲ୍ ବୈଠକ୍ ସମ୍ବଲପୁର ସମ୍ବାଦଦାତା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ସମ୍ବଲ୍‌ପୁର୍ ରେଲ୍ ଡିଭିଜନ୍‌ର ଡିଭିଜନାଲ୍ ବୈଠକ୍‌ଥି

ଆଏଜ୍ ଯୋଗ୍ ଦେଇକରି ଓଡ଼ିଶାର୍ ଭିନ୍ ଭିନ୍ ରେଲ୍ପ୍ରକଳ୍ପର୍ ଅଗ୍ରଗତିର୍ ସମୀକ୍ଷା କରିଛନ୍ । ଇ ବାବ୍ଦେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ସାମାଜିକ୍ ଗଣମାଧ୍ୟମ୍ରୁ ସୂଚ୍ନା ଦେଇକରି କହିଛନ୍, ବୈଠକ୍ଥି ଖୋର୍ଦ୍ଧାରୋଡ଼୍-ବଲାଙ୍ଗିର, ତାଲ୍ଚେର୍-ବିମଲାଗଡ଼୍, ଜର୍ପଡ଼ା- ସମ୍ବଲପୁର ଆଉ ଶାସନ୍- ଝାର୍ସୁଗୁଡ଼ା ୩ ଆଉ ୪ ନମ୍ବର୍ ରେଲ୍ଲାଇନ୍ ପ୍ରକଳ୍ପ କାମ୍ର ଅଗ୍ରଗତି ବାବ୍ଦେ ସମୀକ୍ଷା କରାଯାଇଥିଲା । ସମ୍ବଲ୍ପୁର୍ ଜିଲ୍ଲା ମାନେଶ୍ୱର୍ ନ ରେଲ୍ ସଫେଇ ଲାଇନ୍ ଆଉ ଷ୍ଟେସନ୍ ତିଆର୍ ହେବା । ୨୦୨୬ ମସିହାତକ୍ ଖୋର୍ଦ୍ଧା-ବଲାଙ୍ଗିର୍ ରେଲ୍ଲାଇନ୍ କାମ୍ ଶେଷ୍ ହେବା । ବିଶାଖାପାଟନମ୍କେ ବନ୍ଦେ ଭାରତ୍ ଟ୍ରେନ୍ ସହେତେ ପଶ୍ଚିମାଂଚଲ୍ନୁ ୪ ଟା ବନ୍ଦେ ଭାରତ୍ ଟ୍ରେନ୍ ଚଲାବାର୍ ଲାଗି ଆଲୋଚନା କରାଯାଇଥିବା ଶ୍ରୀ ପ୍ରଧାନ୍ କହିଛନ୍ । ବୈଠକ୍ଥି ବର୍ଗଡ଼୍, ବଲାଙ୍ଗିର୍, କନ୍ଧମାଲ୍ ଆଉ ଛତିଶ୍ଗଡ୍ ମହାସମୁନ୍ଦ୍ ର ସାଂସଦ୍ ଉପସ୍ଥିତ୍ ଥିଲେ ।

ଧନୁଯାତ୍ରା ଆର୍ଏନ୍ୟୁ/ ସମ୍ବଲପୁର

ପୁର୍ଥିର୍ ସବୁନୁ ବଡ଼ ମୁକ୍ତାକାଶ୍ ରଙ୍ଗମଂଚ ନାଟକ୍ ଭାବେ ପରିଚିତ ବର୍ଗଡ଼୍ର ଧନୁଯାତ୍ରା ମହୋତ୍ସବ୍ ଆଏବା କାଏଲ୍ଠାନୁ ମୁଲ୍ ହେଉଛେ । ଆଏବା ୧୧ ଦିନ୍ତକ୍ ବର୍ଗଡ଼୍ ସହର୍ ମଥୁରା ନଗରୀ ଆଉ ଅମାପାଲି ଗୋପପୁର୍ ଆଉ ସହର୍ ମଝି ଥିବା

ଜୀରା ନଦୀ ଯମୁନା ନଦୀ ସାଜ୍‌ବା । ମଥୁରା ନଗରୀ ନ କଂସ ମହାରାଜ୍‌ଙ୍କର୍ ରାଜୁତି ଚାଲ୍‌ବା । ଇଥିର୍‌ଲାଗି ଧନୁଯାତ୍ରା ମହୋତ୍ସବ୍ କମିଟି ତରଫୁ ସବୁ ତୟାରି ଶେଷ୍ ଖେପ୍‌ଥି ପୁହୁଁଚିଛେ । ବର୍‌ଗଡ୍ ହାଟ୍‌ପଦା ନ ମହାରାଜ୍ କଂସଙ୍କର୍ ରାଜ୍‌ଦରବାର୍ ତିଆର୍ କରାଯାଇଥିଲା ବେଲେ ନିଶାମଣି ହାଇସ୍କୁଲ୍ ପଡ଼ିଆ ନ ରଙ୍ଗମହଲ୍ କରାଯାଇଛେ । ଇ ବଛର୍ ଧନୁଯାତ୍ରା ମହୋତ୍ସବ୍ ୟୁଟ୍ୟୁବ୍ ଚେନାଲ୍‌ଥି ସିଧାପ୍ରସାରଣ୍ କରାଯିବା । ଯେନ୍‌ଟାକି ଦେଶ୍ ଆଉ ଦେଶ୍‌ବାହାରେ ରହୁଥିବା କଲାକାର୍‌ମାନେ ସିଧାପ୍ରସାରଣ୍ ଦେଖିପାର୍‌ବେ ବଲି ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍ ଆକାଶ୍‌ବାଣୀକେ ସୂଚ୍‌ନା ଦେଇଛନ୍ ।
(ଭଏସ୍ ଓଭର୍- ଜିଲ୍ଲାପାଲ୍)

ରତ୍ନଭଣ୍ଡାର୍ ମରାମତି-ସତ୍ୟପାଠ୍ ଏକ୍ସ

ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ମରାମତି ଆଉ ଗନ୍‌ତିମନ୍‌ତି ବାବଦ୍ ଗୁଟେ ଜନସ୍ୱାର୍ଥ ମାମ୍‌ଲାର୍ ଶୁଣାଣି ବେଲ୍‌କେ ହାଇକୋର୍ଟ ନ ଆଏଜ୍ ଭାରତୀୟ ପ୍ରତ୍ନତତ୍ୱ ବିଭାଗ୍ ସତ୍ୟପାଠ ଦାଖଲ୍ କରିଛେ । ରତ୍ନଭଣ୍ଡାର୍ ମରାମତି କାମ୍ ଶେଷ୍ ହେଇଛେ । ତାର୍ ଉତ୍‌ରୁ ଶ୍ରୀମନ୍ଦିର୍ ପ୍ରଶାସନ୍‌କେ ହସ୍ତାନ୍ତର୍ କରାଯାଇଛେ ବଲି ସତ୍ୟପାଠ୍‌ଥି ଉଲ୍ଲେଖ୍ କରାଯାଇଛେ । ସେନ୍ତା ଗନ୍‌ତିମନ୍‌ତି ଲାଗି ଏସ୍‌ଓପି ତିଆର୍

କରାଯାଉଛେ । ଖୋବ୍ ଜଲ୍ଦି ପ୍ରକ୍ରିୟା ମୁଲ୍ ହେବା ବଲି ଏଡ୍‌ଭୋକେଟ୍ ଜେନେରାଲ୍ ପିତାମ୍ବର୍ ଆଚାର୍ଯ୍ୟ ହାଇକୋର୍ଟଙ୍କୁ ସତ୍ୟପାଠ୍ ଜରିଏ ସୂଚ୍‌ନା ଦେଇଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୮ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୯ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୬ ତାରିଖ୍‌ତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ଶୁଲିଆ ଯାତ୍ରା ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ଦେଓଗାଁ ବ୍ଲକ୍ ଖଇର୍‌ଗୁଡ଼ା ବଡ଼ଖଲା ଆଉ କୁମ୍‌ରିଆ ସାନଖଲା ସୁଲିଆପୀଠ ନ ଆଦିବାସୀ ମାନ୍‌କର୍ ପ୍ରସିଦ୍ଧ ଶୁଲିଆ ଯାତ୍ରା ହେଇଯାଇଛେ । ଫି’ ବଛର୍ ପୁଷ୍ ମାସର୍ ଉଜଲ୍ ପଖର୍ ପହେଲା ମଙ୍ଗଲ୍‌ବାର୍ ଦିନ ଶୁଲିଆ ଯାତ୍ରା ପାଲନ୍ କରାଯାଏସି । ଗଲାରାତି ନିଶି ପୂଜା କରାଯାଇଥିଲା । ଆଏଜ୍ ପହପହନୁ କୁମ୍‌ରିଆ ଗାଁ ପାଖର୍ ଶୁଲିଆଗୁଡ଼ି ନୁ ଦେହେରି ଆର୍ ବରୁଆମାନେ ପୂଜା କଲାଉତ୍‌ରୁ ବଜାଗଜା ସହେତେ ଶୋଭାଯାତ୍ରାଥି ବଡ଼ଖଲାକେ ପୁହୁଁଚିଥିଲେ । ଖଇର୍‌ଗୁଡ଼ା ମୁଖିଆ ଶୁଲିଆପୀଠ ନ ପୂଜା କରାଯାଇକରି ଶୁଲିଆ ବୁଢ଼ାକେ ଭୋଗ୍ ଲଗାଯାଇଥିଲା ।

ସମ୍ବଲ୍‌ପୁରୀ ସମ୍ମେଲନ୍ ଉଦ୍‌ଯାପିତ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ନ ଚାଲିଥିବା ୫ ନମ୍ବର୍ ସମ୍ବଲ୍‌ପୁରୀ ସମ୍ମେଲନ୍ ଆଏଜ୍ ଉଦ୍‌ଯାପିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସମ୍ବଲ୍‌ପୁରୀ ଭାଷାକେ କେନ୍ତାକରି ଉଚ୍ଚାସ୍ତର୍‌କେ ନିଆଯାଇପାର୍‌ବା, ସେ ଦିଗେ ସଭେ ମିଶିକରି କାମ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ହପ୍ତେତକ୍ ରାତିର୍ ତାପମାତ୍ରା ନାଇଁ ବଦ୍‌ଲେ । ଆଏବା ୨୪ ଘଂଟା ଭିତ୍‌ରେ ଘନାକୁହୁଡ଼ି ହେବାର୍ ନେଇକରି ସୁବର୍ଣ୍ଣପୁର, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍ ଆଉ କନ୍ଧମାଲ୍ ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସମ୍ବଲପୁର୍ ସହେତେ ୧୧ ଟା ଜିଲ୍ଲା  ନ ହାଲ୍‌କାନୁ ମଧ୍ୟମ୍ ଧରଣ୍‌ର କୁହୁଡ଼ି ଦେଖାଯିବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।